କବିତା

# ଭଲ ଲାଗୁଛି

ବୀରେନ୍ଦ୍ର ନାୟକ

ନା କ୍ଷମତା ଅଛି
ନା ପତିଆରା ଅଛି
ଭଲ ଲାଗୁଛି ।।୧

ନା ମଂଚ ଅଛି
ନା ଛାଂଚ ଅଛି
ଭଲ ଲାଗୁଛି ।।୨
ନା ସ୍ୱୀକୃତିର ବୋଝ ଅଛି
ନା ସମ୍ମାନର ଶୋଷ ଅଛି
ଭଲ ଲାଗୁଛି ।।୩

ନା ମୁଁ କାହାକୁ ଅପେକ୍ଷା କରୁଛି
ନା ମୋତେ କେହି ଅପେକ୍ଷା କରୁଛି
ଭଲ ଲାଗୁଛି ।।୪
ନା ମୁଁ କାହାର ମାଲିକ ହେଉଛି
ନା କାହା ମାଲିକାନାରେ ରହିଛି
ଭଲ ଲାଗୁଛି ।।୫

ନା ମୁଁ କାହାକୁ ନିୟନ୍ତ୍ରଣ କରୁଛି
ନା କେହି ମୋତେ ଦରକାରୀ ଭାବୁଛି
ଭଲ ଲାଗୁଛି ।।୬

ଅଜଣା ଅଚିହ୍ନା
ଭିଡରେ ଚାଲୁଛି
ଭଲ ଲାଗୁଛି ।
ଦଣ୍ଡେ ଠିଆ ହୋଇ
ପ୍ରତିବାଦ ସ୍ଲୋଗାନ ଶୁଣୁଛି
ଭଲ ଲାଗୁଛି ।।୭

ଧମନୀରେ ବହୁଥିବା
ଉଷ୍ଣ ରକ୍ତ
ମୁଣ୍ଡକୁ ଉଠୁଛି
ଭଲ ଲାଗୁଛି ।।୮

ଭଲ ଲାଗୁଛି
ସମୟର ବେପରୁଆ ପ୍ରବାହ,
ଭଲ ଲାଗୁଛି
ଶୂନ୍ୟତାର ମୋହ ।।୯

ସହର ମଝିରେ
ଏ ଗାଁ ଟି ଭିତରେ
ଯେବେ ଏକାକୀ ବସୁଛି
ଭଲ ଲାଗୁଛି ।।୧୦

ମୋ ହାତରେ ଲେଖନୀ
ମୋ ମୁଁହରେ ବଚନ
ଅବାରିତ ଚାଲିଛି
ଭଲ ଲାଗୁଛି ।।୧୧

ତେବେ,, ଯେତିକି ଦେଖୁଛି
ତା'ଠାରୁ କମ ଲେଖୁଛି
ଭଲ ଲାଗୁଛି ।।୧୨

■

bknatuu@yahoo.co.uk // ୯୪୩୮୦୧୫୦୫୬